**ବସ୍ ଧକ୍କାରେ ଆହତଙ୍କ ମୃତ୍ୟୁ**

**ନୟାଗଡ ଅଫିସ/ଦଶପଲ୍ଲା,(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବାଣିଗୋଛା ନିକଟରେ ବସ୍ ଦୁର୍ଘଟଣାରେ ଆହତ ହୋଇଥିବା ବାଇକ୍ ଚାଳକଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ଭୋକ୍ତା(୫୦)। ଘର ବାଣିଗୋଛା ଥାନାର ବାଣିଗୋଛାରେ। ଦୁର୍ଘଟଣା ଖବର ପାଇ ପୋଲିସ ବସ ଓ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ବାଣିଗୋଛାର ସୁଶାନ୍ତ ଅନ୍ୟ ଜଣଙ୍କୁ ବାଇକ୍‌ରେ ବସାଇ ଫେରୁଥିବା ବେଳେ ବିପରୀତ ଦିଗରୁ ବସ୍ ଆସି ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦଶପଲ୍ଲା ପରେ ଥିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା।

**ସଂକ୍ଷେପରେ**

**ନୟାଗଡ଼ରେ ଖୋଲିଲା ବିଭିନ୍ନ ମନ୍ଦିର**

**ନୟାଗଡ ଅଫିସ,୩୧:** ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଭକ୍ତ ଓ ଭଗବାନ ମଧ୍ୟରେ ବାଧକ ସାଜିଥିବା କରୋନାର କଟକଣା ଭିତରେ ରବିବାର ନୟାଗଡ ଜିଲାର ବିଭିନ୍ନ ମନ୍ଦିର ଖୋଲିଛି। ଶରଣକୂଳର ଲଡୁବାବା, ଓଡ଼ଗାଁର ରଘୁନାଥ ଜୀଉ ଓ ଜାମୁପାଟଣାର ଦୂତୀକେଶ୍ୱର, ରଣପୁରର ମଣିନାଗ ଓ ଜଗନ୍ନାଥ, ଖଣ୍ଡପଡାର ଜଗନ୍ନାଥ, ଦଶପଲ୍ଲାର ମହାବୀର ମନ୍ଦିରରେ ଭକ୍ତ ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକରିଥିଲେ। ପୂଜକ ସମାଜ ସହ ବିଧିବଦ୍ଧ ଆଲୋଚନା ପରେ ନୟାଗଡ ଜିଲାର ସବୁ ମନ୍ଦିର ଜାନୁୟାରୀ ୩ରେ ଖୋଲିବାକୁ ଜିଲା ପ୍ରଶାସନ ଡିସେମ୍ବର ୨୨ ତାରିଖରେ ନିଷ୍ପତ୍ତି ନେଇଥିଲା। ମାସ୍କ, ସାନିଟାଇଜର ବ୍ୟବହାରକୁ ବାଧତାମୂଳକ କରାଯାଇଛି।

**ଖବରକାଗଜ ବିତରକଙ୍କ ସ୍ତ୍ରୀ ବିୟୋଗ**

**ଯାଜପୁର ଅଫିସ,୩୧:** ବଡ଼ଚଣା ବ୍ଲକ ବଡ଼ଚଣା ଗ୍ରାମର ବରିଷ୍ଠ ଖବରକାଗଜ ବିତରକ ଭୋଳାନାଥ ରାଉତଙ୍କ ସ୍ତ୍ରୀ ଶଶିମଣି ରାଉତ (୭୫)ଙ୍କ ରବିବାର ନିଜ ବାସଭବନରେ ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ସେ ଜଣେ ସରଳ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅନେକେ ଶୋକ ପ୍ରକାଶ କରିବା ସହିତ ଶେଷ ଦର୍ଶନ କରିଥିଲେ।

**ଜଗତାନନ୍ଦ ଜିଲା ବିଜେଡି ସାଧାରଣ ସମ୍ପାଦକ**

**ଆଳି,୩୧(ଡି.ଏନ.ଏ.):** ଆଳି ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଅଟାଳ ପଞ୍ଚାୟତର ସଙ୍ଗଠକ ଜଗତାନନ୍ଦ ବଳଙ୍କୁ ବିଜେଡି ଜିଲା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ବଳଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜଗତାନନ୍ଦ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଆଳି ବ୍ଲକ ବିଜେଡି ସଭାପତି ଥିଲେ। ତାଙ୍କ କାର୍ଯ୍ୟଦକ୍ଷତାକୁ ବିଚାର କରି ଦଳ ମୁଖ୍ୟମନ୍ତ୍ରୀ ଦେଇଥିବା ଦାୟିତ୍ୱକୁ ପାଳନ କରିବେ ବୋଲି ବଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ**

**ଧର୍ମଶାଳା,୩୧(ଡି.ଏନ.ଏ.):** ଧର୍ମଶାଳା ଥାନା ଉତ୍ତରଶାସନ ଗ୍ରାମରେ ଜଣେ ନବବଧୂଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବିରଞ୍ଚି ନାରାୟଣ କରଙ୍କ ସ୍ତ୍ରୀରୋଜାଲିନ ସାହୁ। ଅପରାହ୍ନରେ ଘର ଭିତରେ ରୋଜାଲିନ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପାରିବାରିକ କଳହ ଯୋଗୁ ଏଭଳି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଧର୍ମଶାଳା ପୋଲିସ ମୃତଦେହ ଜବତ କରିବା ସହ ରୋଜାଲିନଙ୍କ ସ୍ୱାମୀ ବିରଞ୍ଚିଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଛି। ସୂଚନାଯୋଗ୍ୟ, ଡିସେମ୍ବର ୯ରେ କୁଜଙ୍ଗ ଅଞ୍ଚଳର ରୋଜାଲିନଙ୍କୁ ବିରଞ୍ଚି ବୈଦିକ ରୀତିରେ ବିବାହ କରିଥିଲେ। ବିବାହକୁ ମାସେ ପୁରି ନ ଥିବାବେଳେ ଏହି ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଛି।

**ପୂର୍ବତନ ସରପଞ୍ଚଙ୍କ ପରଲୋକ**

**ରସୁଲପୁର,୩୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ନଠୁଆବର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦର୍ଶନ ପତିଙ୍କ ପରଲୋକ ଘଟିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପତିଙ୍କ ହୃଦ୍‌ଘାତଜନିତ ମୃତ୍ୟୁ ହୋଇଛି। ପଞ୍ଚାୟତର ଆଦମପୁର ଗାଁରେ ଜନ୍ମିତ ପତି ଜଣେ ସୁସଂଗଠକ, ଶିକ୍ଷାପ୍ରେମୀ ଓ ଜନପ୍ରିୟ ନେତା ଭାବେ ପରିଚିତ ଥିଲେ। ଆଖପାଖ ୫ ପଞ୍ଚାୟତର ଲୋକ ତାଙ୍କୁ ମୁରବୀ ବୋଲି ମାନୁଥିଲେ। ସରପଞ୍ଚ କୁଞ୍ଜଲତା ପଣ୍ଡା, ସମିତିସଭ୍ୟା ଜୟନ୍ତୀ ନାୟକ, ବିଦ୍ୟାଧର ବିଶ୍ୱାଳ, ଅନନ୍ତ ଶତପଥୀ, ଆନନ୍ଦ ନାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଲୋକନାଥ ମୁଖାଗ୍ନି ଦେଇଥିଲେ।

**ଚାଷ, ପାନୀୟ ଜଳ ପ୍ରଭାବିତ ହେବ**

**ଲୁଣା ନଦୀ ଜଳସ୍ତର କମୁଛି**

**କେନ୍ଦ୍ରାପଡା ଅଫିସ, ୩୧**

ଖରାଦିନ ଆରମ୍ଭ ହୋଇନାହିଁ। ସହର ପାଇଁ ପାନୀୟ ଜଳସ୍ତର ଶୁଖିବାକୁ ଆରମ୍ଭ କରିଛି। ପିଏଚ୍‌ଡି ଓ ଜଳସମ୍ପଦ ବିଭାଗ ପକ୍ଷରୁ ସହରର ପାନୀୟ ଜଳ ଯୋଗାଣ ପାଇଁ କଳପଡା ମୋଟର ହାଉସ ପର୍ଯ୍ୟନ୍ତ ଏହି ନଦୀଗର୍ଭରୁ ନାଳି କରାଯାଇଛି। ଏହି ନାଳିର ଗଭୀରତାକୁ ଲକ୍ଷ୍ୟ କଲେ ଚଳିତମାସ ଶେଷସୁଦ୍ଧା ଏହାର ପୁନଃଖନନ ଆବଶ୍ୟକତା ପଡିବ। ଲୁଣାନଦୀର ଜଳସ୍ତର ହ୍ରାସ ଫଳରେ ପାନୀୟ ଜଳ ସହ ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି।

ଜଳସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଚେକ୍ ଡ୍ୟାମ କରାଯାଇ ଜଳସେଚନ ବ୍ୟବସ୍ଥା ହୋଇଛି। ତେବେ ଖରା ଆରମ୍ଭରୁ ନଦୀ ଶଯ୍ୟା ଶୁଖିଲା ପଡିବା ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉଦ୍‌ବେଗର କାରଣ ହୋଇଛି। ଏହାକୁ ଚିରସ୍ରୋତା କରାଯାଇ ପାରିଲେ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୦ ହଜାରରୁ ଉର୍ଦ୍ଧ୍ୱ କ୍ଷେତକୁ ଜଳସେଚନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଏହି ୭୩ କି.ମି. ନଦୀରେ ବ୍ରିଟିଶ ଶାସନ ସମୟରେ ନୌବାଣିଜ୍ୟ ହେଉଥିଲା। ନଦୀର ରକ୍ଷଣାବେକ୍ଷଣର ଅଭାବ ଅଛି। ବେଆଇନ ବାଲି ଓ ମାଟି ଉଠାଣ ସହ ଜବରଦଖଲ ବଢିଛି। କୂଳ କ୍ଷୟ ନଦୀପଥକୁ ପରିବର୍ତ୍ତନ କରିଛି। ଏହି ନଦୀ ନୁହେଁ ଜିଲାର ୭ ନଦୀ ଓ ୨୭ ଶାଖା ନାଳରେ ଜଳ ପରିଚାଳନା କ୍ଷେତ ପାଇଁ ଏକ ସମସ୍ୟା ହୋଇଛି। କୃଷି ପାଇଁ ବ୍ୟବହୃତ ୧୫, ୮୫୦ ହେକ୍ଟର କ୍ଷେତର ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ୩୨,୩୫୦ ହେକ୍ଟର ଜମି ଲୁଣାଞ୍ଚଳ ଚିହ୍ନଟ ହୋଇଥିବା ବେଳେ ୩୪,୯୫୨ ହେକ୍ଟର ଜମିରେ ବନ୍ୟାଜଳ ମାଡିଯାଉଛି। ସେହିପରି ଜିଲାର ୮୪,୯୧୦ ହେକ୍ଟର ଜମି ମରୁଡିଗ୍ରସ୍ତ ଭାବେ ଘୋଷଣା ହୋଇଛି। ଜିଲାର ୪୮ କି.ମି. ସମୁଦ୍ର ତଟର ୧୫ କ.ମି. ଦୂରରୁ ଏକ କେନାଲ ଖୋଳାଯାଇ ନଦୀ ସଂଯୋଗୀକରଣ ହେଲେ କୃଷିରେ ଜିଲାର ଆର୍ଥିକ ବିକାଶ ସହ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଏ ନେଇ ଜିଲା ପରିଷଦ ବୈଠକରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିପାରୁନାହିଁ। ଡେରାବିଶର ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ କୁହନ୍ତି, ଲୁଣା ନଦୀର ଜଳ ଧାନ ଚାଷ ସହ ରବି ଫସଲ ଓ ପନିପରିବା ଉତ୍ପାଦନରେ ଲାଗିଥାଏ। କିଛିବର୍ଷ ହେବ ଏହାର ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ନଦୀବନ୍ଧ ଯୋଜନା ଏହାକୁ ପ୍ରଭାବିତ କରୁଛି। ସେହିପରି ଏହି ନଦୀରୁ ଜଳ ଶୋଷି ନେଉଛି। ନଦୀ ସଂଯୋଗୀକରଣ ସହ ବ୍ୟାରେଜ ନିର୍ମାଣ ହେଲେ ଜିଲାର ଜଳସେଚନ ବ୍ୟବସ୍ଥା ସୁଧୁରିଯିବ। ଏ ନେଇ ସ୍ଥାନୀୟ ରାଜନେତା ଓ ପ୍ରଶାସକ ମନନିବେଶ କରୁ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, ନଦୀପଥର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ବେଆଇନ ବାଲି ଉତ୍ତୋଳନକୁ ଜିଲା ପ୍ରଶାସନ ରୋକୁଥିବା ବେଳେ ବିଭାଗ ପକ୍ଷରୁ ନଦୀବନ୍ଧକୁ ସୁଦୃଢୀକରଣ କରାଯାଉଛି।

**ଶ୍ରୀବଳଦେବ ଜୀଉଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ**



ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଗହଳି।

**କେନ୍ଦ୍ରାପଡା ଅଫିସ, ୩୧**

ଦୀର୍ଘ ୯ ମାସର ପ୍ରତୀକ୍ଷା ପରେ ଶ୍ରଦ୍ଧାଳୁମାନେ କେନ୍ଦ୍ରାପଡା ଜିଲାର ଆରାଧ୍ୟଦେବ ଶ୍ରୀବଳଦେବଜୀଉଙ୍କୁ ରବିବାର ଦର୍ଶନ କରିଛନ୍ତି। କରୋନା କଟକଣା ଯୋଗୁ ଦିନସାରା ମାତ୍ର ୧୦୦ ଜଣ ଶ୍ରଦ୍ଧାଳୁ ଏହାର ସୁଯୋଗ ପାଇଛନ୍ତି। ଏ ସମ୍ପର୍କରେ ସହରର ମନକରପୁର ଗାଁର ଶ୍ରଦ୍ଧାଳୁ ରାଜେଶ କୁମାର ବେହେରା କହିଛନ୍ତି, ପ୍ରତ୍ୟହ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିଥାନ୍ତି। କରୋନା ସଂକ୍ରମଣ ପରେ ମାର୍ଚ୍ଚରୁ ଦେବଦର୍ଶନ ବନ୍ଦ ରହିଥିଲା। ଶ୍ରୀଜୀଉଙ୍କୁ ଦର୍ଶନ ପରେ ଆତ୍ମତୃପ୍ତି ଆସିଛି। ସକାଳ ସମୟରେ ପକ୍ରୁଡି ଆଳତି ଦର୍ଶନ ପାଇଁ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଥଦାଣ୍ଡରେ ସମବେତ ହୋଇଥିଲେ। ତେବେ ଟ୍ରଷ୍ଟ, ମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଦେବ ଦର୍ଶନ ମନ୍ଦିର ବାହାରୁ କରିଛନ୍ତି। ଖୁବ୍‌ଶୀଘ୍ର ମନ୍ଦିର କୋଭିଡ୍-୧୯ ଏସ୍‌ଓପି ମୁକ୍ତ ହେଲେ ଶ୍ରଦ୍ଧାଳୁମାନେ ଉପକୃତ ହେବେ। ଏ ସଂକ୍ରାନ୍ତରେ ସେବାୟତ ନୃସିଂହ ପ୍ରସାଦ ପତ୍ରୀ କୁହନ୍ତି, ଶ୍ରଦ୍ଧାଳୁ ଓ ଶ୍ରୀଜୀଉଙ୍କ ସମ୍ପର୍କ ଅତୁଟ। ଏଥିପାଇଁ ଶ୍ରୀଜୀଉ ରଥଯାତ୍ରାରେ ଆସି ସର୍ବସାଧାରଣରେ ଦର୍ଶନ ଦେଇଥାନ୍ତି। ୯ ମାସ ଧରି ଶ୍ରଦ୍ଧାଳୁଙ୍କ ବିନା ମନ୍ଦିର ଶୂନ୍‌ଶାନ ଲାଗୁଥିଲା। ଏପରି କି ଏହି ସମୟ ମଧ୍ୟରେ ବହୁ ପର୍ବପର୍ବାଣିରେ ଶ୍ରଦ୍ଧାଳୁମାନେ ସାମିଲ ହୋଇ ପାରିନାହାନ୍ତି। ମନ୍ଦିର ଖୋଲିବା ପରେ ଆଶ୍ୱସ୍ତି ଲାଗୁଛି ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଉପଜିଲାପାଳ ଜ୍ୟୋତି ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ବୈଠକରେ ୩ ତାରିଖଠାରୁ ମନ୍ଦିର ଖୋଲିବା ନିଷ୍ପତ୍ତି ନିଆଯାଇଛି।





କଂଗ୍ରେସ କର୍ମୀମାନେ ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

**ନାଉଗାଁ,୩୧(ସ୍ୱ.ପ୍ର.)**

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନୈତିକ ହିଂସାକୁ ବିରୋଧ କରି ରବିବାର ସନ୍ଧ୍ୟାରେ ନାଉଗାଁ ବ୍ଲକର ସ୍ଥାନୀୟ ବଜାରସ୍ଥିତ ଦୁର୍ଗା ମଣ୍ଡପ ସମ୍ମୁଖରେ ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲିପକ କୁମାର ସାହୁ ଏହାର ନେତୃତ୍ୱ ନେଇଥିଲେ। କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ଯୁବ ସଙ୍ଗଠକ ସ୍ୱରୁପ କାନୁନଗୋ, ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ପ୍ରିତମ ପରିଜା, ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଂଯୋଜକ ସୌମ୍ୟ ସଞ୍ଜୀବ ଦାସ, ଅନନ୍ତ ବାସୁଦେବ ମିଶ୍ର ଓ ଅମିୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

**ନବଜାତ ଶିଶୁ ମୃତଦେହ ମିଳିଲା**

**ରାଜନଗର, ୩୧(ଡି.ଏନ.ଏ.)**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ପଶ୍ଚିମଭେଡା ଗାଁ ପୋଖରୀ ପାଖ ଏକ ଅଳିଆଗଦାରୁ ମୃତ ନବଜାତ ଶିଶୁର ମୃତଦେହ ମିଳିଛି। ଏହି ଘଟଣାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ସମୟ ଅପରାହ୍ନ ୪ଟା। ଏହି ଗ୍ରାମର କେତେଜଣ ଛୋଟ ପିଲା ଖେଳିବା ସମୟରେ ପୋଖରୀ କୂଳରେ ଏକ ପଲିଥିନ ପାଇଥିଲେ। ସେଥିରୁ ସଦ୍ୟ ନବଜାତ ମୃତ ଶିଶୁପୁତ୍ରକୁ ଦେଖିବାକୁ ପାଇଥିଲେ। ଛୋଟ ପିଲାମାନେ ଘରେ ଜଣାଇବା ପରେ ପରିବାର ଲୋକେ ଆସି ଦେଖିଥିଲେ।

**ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ**

**ଚଣ୍ଡିଖୋଲ,୩୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶାରଦା ଦେବୀଙ୍କ ପୌରୋହିତ୍ୟରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଯୋଗଦେଇ ଏହା ଏକ ଐତିହାସିକ ଦିବସ ବୋଲି କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କାଉନସିଲର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋଭନୀୟ ଆନ୍ଦୋଳନର ଆଜୀବନ ସଭ୍ୟା ମିନତୀ ଦେବୀ, ବନଲତା ଦେବୀ, ବରଦା ମହାନ୍ତି, ମନୋରମା ଦେବୀ,ଗୀତାଞ୍ଜଳୀ ସ୍ୱାଇଁ, କାଦମ୍ବିନୀ ପାତ୍ର ପ୍ରମୁଖ ଯୋଗ ଦଇଥିଲେ। ପ୍ରାରମ୍ଭରେ ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ସ୍ୱର୍ଗତା ରୁକ୍ମଣୀ ଦେବୀଙ୍କ ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ 'ଯୁଗସୂର୍ଯ୍ୟ' ପତ୍ରିକା ଉନ୍ମୋଚନ କରାଯାଇଥିଲା।

**ରାମମନ୍ଦିର ପାଇଁ ୧୪ରୁ ନିଧି ସଂଗ୍ରହ**



ବୈଠକରେ ଉପସ୍ଥିତ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା।

**ଯାଜପୁର ଟାଉନ,୩୧(ଡି.ଏନ.ଏ.):** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଭାରତ ବର୍ଷରେ ନିଧି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜିଲା କାର୍ଯ୍ୟାଳୟ ବଜରଙ୍ଗ ଛକଠାରେ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସେବା ପ୍ରମୁଖ ଦୋଳଗୋବିନ୍ଦ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସନ୍ଥ ସଚିଦାନନ୍ଦ ଦାସମହାରାଜ, ସମ୍ମାନିତ ଅତିଥି ବିଶ୍ୱହିନ୍ଦୁ ପରିଷଦ ପ୍ରମୁଖ ଅରବିନ୍ଦ ଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ବଳ, ଜିଲା ସଂଯୋଜକ ସମୀର ନାୟକ, ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ରାମଭକ୍ତଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇ ରାମ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ଥିବା କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଏଥିପାଇଁ ଜିଲାର ୨୧୦ ପଞ୍ଚାୟତରେ କମିଟି ଗଠନ କରି ରାମମନ୍ଦିର ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଅର୍ଥ ସାହାଯ୍ୟ ପାଇଁ ନିବେଦନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅଭିଯାନ ୧୪ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ କରିବାକୁ କେନ୍ଦ୍ର କମିଟି ନିର୍ଦ୍ଦେଶ ଥିବା ବେଳେ ଏହାକୁ ସୁଚାରୁ ରୂପେ ସମାପନ କରିବାକୁ ମତପ୍ରକାଶ ପାଇଥିଲା। ଯାଜପୁର, ବିଞ୍ଝାରପୁର, ଦଶରଥପୁର, ବରୀ, ଯାଜପୁର ନଗର, କୋରେଇ, ଧର୍ମଶାଳା, ବଡ଼ଚଣା, ବ୍ୟାସନଗର, ସୁକିନ୍ଦା, ଦାନଗଦି, ରସୁଲପୁର ବ୍ଲକର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା କାର୍ଯ୍ୟାଳୟ ପକ୍ଷରୁ ସତ୍ୟାନନ୍ଦ ମହାନ୍ତି, ହରେକୃଷ୍ଣ ସାହୁ, ଶ୍ରୀକାନ୍ତ ବେହୁରିଆ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

**ମା'ବୁଢ଼ୀ ଜାଗୁଳାଇ କ୍ରିକେଟ: ଇଶାଣିପଲ୍ଲୀ ଚାମ୍ପିୟନ**

**ରାଜନଗର, ୩୧(ଡି.ଏନ.ଏ.)**

ରାଜନଗର ବ୍ଲକ ସନ୍ଥପଡା ମା'ଜାଗୁଳାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗନ୍ନାଥପୁର ଶାସନ କ୍ରିକେଟ ଟିମ୍‌କୁ ହରାଇ ଇଶାଣିପଲ୍ଲୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଜଗନ୍ନାଥପୁର ଶାସନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇଶାଣିପଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥପୁର ଶାସନ ୯ ଉଇକେଟ ହରାଇ ୨୦ ଓଭରରେ ୧୦୮ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମା' ଜାଗୁଳାଇ କ୍ରିକେଟ କ୍ଲବର ସଭାପତି ଅନିଲ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



ଉତ୍ସବରେ ଉପସ୍ଥିତ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**୨ ବାର୍‌ହା ଶିକାରୀ ଗିରଫ**



ଜବତ ବାର୍‌ହା ସହ ଗିରଫ ଦୁଇ ଶିକାରୀ।

**ରାଜନଗର, ୩୧(ଡି.ଏନ.ଏ.):** ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ସୁନେଇରୁପେଇ ସଂରକ୍ଷିତ ଜଙ୍ଗଲରୁ ଶିକାର କରି ଫେରୁଥିବା ବେଳେ ମୃତ ବାର୍‌ହା ଜବତ ସହ ୨ ଶିକାରୀଙ୍କୁ ରାଜନଗର ବନବିଭାଗ କର୍ମଚାରୀ ରବିବାର ଗିରଫ କରିଛନ୍ତି। ମୃତ ବାର୍‌ହାର ବ୍ୟବଚ୍ଛେଦ ପାଇଁ ରାଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ପଠାଯାଇଛି। ଗିରଫ ୨ଶିକାରୀଙ୍କ କୋଭିଡ୍ ଟେଷ୍ଟ ପରେ କୋର୍ଟ ଚାଲାଣ କରାଯାଇଛି। ବଗପାଟିଆ ଗାଁର ସୁବାଶ ପରିଡା ଓ ଗୁପ୍ତି ଗାଁର ସଂଗ୍ରାମ ବିଶୋଇ ସଂରକ୍ଷିତ ଜଙ୍ଗଲରୁ ବାର୍‌ହାକୁ ମାରି କାନ୍ଧେଇ ଆସୁଥିଲେ। ବନବିଭାଗ ମୃତ ବାର୍‌ହାକୁ ଜବତ କରିବା ସହ ଶିକାରୀଙ୍କୁ କାବୁ କରିଥିଲେ। ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ର, ସବିତା ବେହେରା, ପ୍ରମୁଖ ସଦଳବଳ ଚଢାଉ କରିଥିଲେ। ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇଛି।

**ଶ୍ରୀନୀଳମାଧବ ଜୀଉଙ୍କ ଜଳ ନିଷ୍କାସନ ପଥ ବନ୍ଦ**

- ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ପ୍ରଶାସନକୁ ଜଣାଇଲେ ଗ୍ରାମବାସୀ
- ପରିଦର୍ଶନ କଲେ ତହସିଲଦାର



ଜଣେ ବ୍ୟକ୍ତି ମାଟି ପକାଇ ଡ୍ରେନ୍‌କୁ ପୋତି ଦେଇଛନ୍ତି।

**ଖଣ୍ଡପଡା,୩୧(ସ୍ୱ.ପ୍ର.)**

ବର୍ଷା ଦିନେ ପାହାଡ ଉପରେ ବିରାଜିତ ଶ୍ରୀନୀଳମାଧବ ଜୀଉ ମନ୍ଦିରର ଉଦ୍‌ବୃତ୍ତ ଜଳ ସହ ଘରୋଇ ନର୍ଦ୍ଦମା ପାଣି ଆବହମାନ କାଳରୁ ନିଷ୍କାସନ ହେଉଥିଲା। ହେଲେ ଜଳ ନିଷ୍କାସନ ପଥକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବନ୍ଦ କରିଦେବା ଫଳରେ କଣ୍ଟିଲୋ ପାଇଁ ସମସ୍ୟା ସୃଷ୍ଟି କରିଥିବା ଜଣାପଡିଛି। ଏ ନେଇ ସମ୍ପୃକ୍ତ ଗ୍ରାମବାସୀ ରାଜସ୍ୱ ବିଭାଗ, ଥାନା ସହ ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ରବିବାର ଅପରାହ୍ନରେ ତହସିଲଦାର ପାର୍ଥ ସାରଥି ହାଁସଦା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ବିବାଦୀୟ ଜାଗାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଉପସ୍ଥିତ ଗ୍ରାମବାସୀଙ୍କୁ ସୂଚନା ଦେଇଛନ୍ତି।

ବର୍ଷାଦିନେ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ ଉପରେ ବିରାଜିତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରର ଉଦ୍‌ବୃତ୍ତ ପାଣି ମନ୍ଦିର ଦକ୍ଷିଣପାର୍ଶ୍ୱ ଦେଇ କେଉଁ ଆବହମାନ କାଳରୁ ସରକାରୀ ଜାଗା ଦେଇ ଏକ ଖାତିଆରେ ଜମା ହୋଇ ରହେ। ତାହାଛଡା କଣ୍ଟିଲୋ ବ୍ରାହ୍ମଣ ସାହି, ମଝିସାହିପାଟଣା ଓ ହାଟମୁଣ୍ଡପାଟଣା ଗାଁର ଘରୋଇ ଆବର୍ଜନା ସହ ବର୍ଷାଜଳ ନିଷ୍କାସନ ହୋଇ ସେହି ଖାତିଆରେ ଜମେ। ତେବେ ଦେବୋତ୍ତର ବିଭାଗ ଶ୍ରୀନୀଳମାଧବଙ୍କ ବିକାଶ ଓ ଆୟ ଆଳରେ ବହୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀନୀଳମାଧବ ଜାଗାକୁ ବିକ୍ରି କରିଦେବା ଫଳରେ ସମ୍ପୃକ୍ତ ଖାତିଆ ମଧ୍ୟ ସଂକୁଚିତ ହୋଇଗଲା। ଏହାର ସୁଯୋଗ ନେଇ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଖାଲିଥିବା କେତେକ ଜାଗାକୁ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ ପାଇଁ ମସୁଧା କରୁଥିବା ଅଭିଯୋଗ ହେଉଛି। ରାଧାମୋହନ ଯୁବ କ୍ଲବ ମଝିସାହିପାଟଣା ବାରି ପାଖ ମେଡିକାଲ ରାସ୍ତା ଡ୍ରେନ ଦେଇ ସରକାରୀ ଖାତିଆକୁ ନିଷ୍କାସନ ହେଉଥିବା ପଥକୁ ଜଣେ ବ୍ୟକ୍ତି ଅକ୍ତିଆର କରିବା ଲକ୍ଷ୍ୟରେ ମାଟି ପକାଇ ପୋତି ଦେଇଛନ୍ତି। ଫଳରେ ସାହିର ସମସ୍ତ ଡ୍ରେନ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ନର୍ଦ୍ଦମା ଜଳ ଜମା ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ସହ ମଶାମାଛିଙ୍କ ବଂଶ ବୃଦ୍ଧି ହେଉଛି। ଏ ସମ୍ପର୍କରେ ସାହିଭାଇମାନେ ମିଳିତ ହୋଇ ନିଷ୍କାସନ ପଥକୁ ବନ୍ଦ ନ କରିବାକୁ ସମ୍ପୃକ୍ତ ବ୍ୟକ୍ତଙ୍କୁ ପରାମର୍ଶ ଦେଇଥିଲେ। ହେଲେ ସେ ନର୍ଦ୍ଦମା ପାଣି ଯାଉଥିବା ଜାଗାଟି ତାଙ୍କ କବଳାରେ ଥିବା ଦର୍ଶାଇ ଗ୍ରାମବାସୀଙ୍କ କଥାକୁ ଏଡାଇ ଦେଇଥିବା ଜଣାପଡିଛି। ବର୍ଷାଦିନରେ ମନ୍ଦିର ଓ ସାହି ବାସିନ୍ଦାଙ୍କ ଘରୋଇ ଆବର୍ଜନା ପାଣି କିପରି ନିଷ୍କାସନ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ବାସିନ୍ଦା ଡିସେମ୍ବର ୨୬ରେ ମିଳିତ ହୋଇ କଣ୍ଟିଲୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସମସ୍ୟାର ସମାଧନ ନ ହେବାରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ମଝିସାହିପାଟଣା ଗ୍ରାମବାସୀଙ୍କ ପକ୍ଷରୁ ସଭାପତି ନବ କିଶୋର ସାହୁଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ଶାସନ ସଚିବ, ଦେବୋତ୍ତର କମିଶନର, ଜିଲାପାଳ, ଏସ୍‌ପିଙ୍କ ସହ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସମସ୍ୟାର ସମାଧାନ ନ ହେଲେ ଆଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

## ଚୋରି ଘଟଣାରେ ୩ କୋର୍ଟଚାଲାଣ

**ଯାଜପୁର ଅଫିସ:** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବଜାରରେ ଥିବା ସୂର୍ଯ୍ୟମଣି ଧଳଙ୍କ ଫଳ ଦୋକାନରୁ ୧ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ଦୋକାନର କବାଟ ତାଡ଼ି ବିଭିନ୍ନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହିତ ଅଶୋକ ପରିଡ଼ା ଓ ରାଜେନ୍ଦ୍ର ଖଣ୍ଡାଇତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ବଡ଼ବିରୁହାଁ ଗ୍ରାମର ଗଣେଶ୍ୱର ମାଝୀଙ୍କ ମୋବାଇଲ ସାହାପୁର ହାଟରେ ଚୋରି ହୋଇଥିଲା। ଏନେଇ ଅଭିଯୋଗ ହେବାପରେ ପୋଲିସ ଆନ୍ଧ୍ରପ୍ରଦେଶ ରାଜ୍ୟ ପଶ୍ଚିମ ଗୋଦାବରୀର ଚିନ୍ତା ପ୍ରଭୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



## ସଂକ୍ଷେପରେ

### ମୋ ବସ୍ ସେବା ଚଣ୍ଡିଖୋଲକୁ ସମ୍ପ୍ରସାରଣ ଦାବି

**ଯାଜପୁର ଅଫିସ,୩୧:** ଯାଜପୁର ଜିଲାର ପ୍ରମୁଖ ସହରକୁ ମୋ ବସ୍ ସେବା ଚଣ୍ଡୀଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହେଉଛି। ଜିଲା ଦେଇ ଯାଇଥିବା ୩ଟି ଜାତୀୟ ରାଜପଥର ସଂଗମସ୍ଥଳ ଚଣ୍ଡିଖୋଲକୁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଯାତାୟାତ ହୋଇଥାଏ। ଏଠାରୁ ବୌଦ୍ଧବିହାର, ଉଦୟଗିରି, ରତ୍ନଗିରି, ଲଳିତଗିରି, ଚଣ୍ଡିଖୋଲ ମହାବିନାୟକ, ଚଣ୍ଡୀମନ୍ଦିର, ପର୍ବତ ଶିଖରରେ କନକ ଦୁର୍ଗା ମନ୍ଦିର, ଦ୍ୱିତୀୟ ଶ୍ରୀକ୍ଷେତ୍ର ଛତିଆ ବଟ, ଅମରାବତୀ ଇନ୍ଦ୍ର ଇନ୍ଦ୍ରାଣୀ ମନ୍ଦିର ପ୍ରଭୃତି ପର୍ଯ୍ୟଟନସ୍ଥଳକୁ ସଂଯୋଗ ରାସ୍ତା ରହିଛି। ଏହାବାଦ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣାଧୀନ ରହିଛି। ତେଣୁ ସ୍ଥାନଟିର ଗୁରୁତ୍ୱକୁ ଅନୁଭବ କରି ରାଜଧାନୀରୁ ଜଗତପୁରକୁ ଆସୁଥିବା ମୋ ବସ୍ ସେବା ଚଣ୍ଡିଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ କଟକରୁ ଦୈନିକ ଯାତାୟାତ କରୁଥିବା ଘରୋଇ ବସ ଟାଙ୍ଗି, ଛତିଆ, ବନ୍ଧାଳ, କଢେଇ ପୋଲ, ବଡଚଣା ଷ୍ଟପେଜରେ ରହଣି କରୁ ନ ଥିବାରୁ କର୍ମଜୀବୀ ମହିଳା, ଚାକିରିଆ, ଛାତ୍ରୀଛାତ୍ରମାନଙ୍କ ପାଇଁ ବହୁ ସମସ୍ୟା ହେଉଛି। ତେଣୁ ମୋ ବସ୍ ଆସିବା ଦ୍ୱାରା ଏହି ଷ୍ଟପେଜଗୁଡ଼ିକରେ ବସ୍ ରହିଲେ ଯାତ୍ରୀ ଏବଂ ପର୍ଯ୍ୟଟକ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

### ଅପଡେଟ୍ ହେଲା ଜିଲା ୱେବସାଇଟ୍




**'ଧରିତ୍ରୀ' ପ୍ରଭାବ**

**ଯାଜପୁର ଅଫିସ,୩୧:** ଯାଜପୁର ଜିଲା ୱେବସାଇଟକୁ ରବିବାର ଅପଡେଟ୍ କରାଯାଇଛି। ଗତ ୩୧ ତାରିଖରୁ ଏସ୍‌ପି ଚରଣସିଂ ମୀନା ଯାଜପୁର ଜିଲାରୁ ବିଦାୟ ନେଇଥିଲେ ହେଁ ଜିଲା ୱେବସାଇଟରେ ତାଙ୍କ ତଥ୍ୟ ରହିଥିବା ନେଇ 'ଧରିତ୍ରୀ'ରେ ରବିବାର ଖବର ପ୍ରକାଶ ପାଇଥିଲା। ଏକଥା ଜାଣିବା ପରେ ସମ୍ପୃକ୍ତ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ରବିବାର ଛୁଟି ଦିନ ହୋଇଥିଲେ ହେଁ ଜିଲା ୱେବ୍‌ସାଇଟରେ ଯାଜପୁର ଏସ୍‌ପି ଭାବେ ରାହୁଲ ପି.ଆରଙ୍କ ନାମ ଓ ଫଟୋ ସ୍ଥାନିତ ହୋଇଛି। କିନ୍ତୁ ଓଡ଼ିଶା ପୋଲିସ ବିଭାଗର(ଓଡ଼ିଶାପୋଲିସ.ଜିଓଭି.ଏନଆଇସି) ୱେବସାଇଟରେ ରବିବାର ରାତି ୭ଟା ୨୫ ପର୍ଯ୍ୟନ୍ତ ଅପଡେଟ୍ ହୋଇ ପାରିନାହିଁ। ଫଳରେ ଏହି ୱେବସାଇଟରେ ଉପରୋକ୍ତ ସମୟ ପର୍ଯ୍ୟନ୍ତ ଯାଜପୁର ଏସପି ଭାବେ ଚରଣସିଂ ମୀନାଙ୍କ ନାମ ରହିଥିବା ଦେଖାଯାଇଛି।

### ରାକେଶ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ

**ଯାଜପୁର ଅଫିସ,୩୧:** ରାଜ୍ୟ ଯୁବ କଂଗ୍ରେସ କମିଟିର ସାଧାରଣ ସମ୍ପାଦକଭାବେ ପାଣିକୋଇଲିର ଯୁବ ସଙ୍ଗଠକ ରାକେଶ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ



ସେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ସମେତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖଣ୍ଟିଆ, ରାଜ୍ୟ କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି ଓ ଯାଜପୁର କଂଗ୍ରେସ ସଭାପତି ମନୋଜ ରାଉତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନାବାଳିକାଙ୍କ କାନ୍ଧରେ ପରିବାର ବୋଝ

**ବାପା ଶଯ୍ୟାଶାୟୀ, ମା' ଆଖି ବୁଜିଲେ**

- ବାପାଙ୍କ ଚିକିତ୍ସା ପାଇଁ ପାଠ ଛାଡି ଦାଦନ ଯାଇଥିଲେ
- ଧାର ଓ ରୋଜଗାର କରି ଆଣିଥିଲେ ୨୦ ହଜାର ଟଙ୍କା

ନୟାଗଡ ଅଫିସ/ଦଶପଲ୍ଲା,୩୧(ଡି.ଏନ୍.ଏ.)

ବାପା ଶଯ୍ୟାଶାୟୀ ଓ ମା' ଆଖି ବୁଜିବା ପରେ ପରିବାର ଦୁଃଖ ବଢ଼ିଯାଇଛି। ନାବାଳିକାଙ୍କ କାନ୍ଧରେ ରୋଗଗ୍ରସ୍ତ ବାପା, ଭଉଣୀଭାଇଙ୍କ ବୋଝ ପଡିଛି। ବାପାଙ୍କ ଚିକିତ୍ସା ପାଇଁ ନାବାଳିକା ପାଠ ଛାଡିଥିଲେ। ଆନ୍ଧ୍ରପ୍ରଦେଶ ଯାଇ ଏକ କମ୍ପାନୀରେ କାମ କରି ଧାରକରଜ ଓ ରୋଜଗାର କରି ୨୦ ହଜାର ଟଙ୍କା ଆଣିଥିଲେ। ବାପାଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ପ୍ରସ୍ତୁତି ହେଉଥିବାବେଳେ ମା' ଆରପାରିକୁ ଚାଲିଗଲେ। ଏଭଳିସ୍ଥଳେ ୧୬ ବର୍ଷୀୟା ଆଦିବାସୀ ନାବାଳିକା କିପରି ବାପାଙ୍କୁ ଚିକିତ୍ସା କରାଇବେ ଓ ଭଉଣୀଭାଇଙ୍କୁ ଖାଇବାକୁ ଦେବା ସହ ସେମାନଙ୍କୁ ମଣିଷ କରିବେ ସେଇ ଚିନ୍ତା ଏବେ ତାଙ୍କୁ ଘାରିଛି। ଏହି କାରଣରୁ ନୟାଗଡ ଜିଲା ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ସାତଝରୀସ୍ଥିତ ମେଢୁକୁପା ଗାଁରେ ଛବି ଜାନୀଙ୍କ ପରିବାର ବହୁ କଷ୍ଟରେ କଳାତିପାତ କରୁଛନ୍ତି। ପୁଣି ଭଙ୍ଗା ଘରେ ଜୀବନ ଯାପନ କରୁଛନ୍ତି।

ମେଢୁକୁପା ଗାଁର ଛବିଙ୍କ ପରିବାର କହିଲେ ୫ଜଣ। ସ୍ତ୍ରୀ ସୁବା, ଝିଅ ତୁଳସୀ(୧୬) ଓ ସରସ୍ୱତୀ(୧୦) ଓ ପୁଅ ଆଲୋକ(୮)। ଛୋଟ ପରିବାର ଭଲରେ ଚଳୁଥିଲେ। ହସଖୁସି ବେଶି ଦିନ ରହିଲା ନାହିଁ। ଘର ବାରଣ୍ଡାରେ ଶୋଇଥିବାବେଳେ ଛବିଙ୍କୁ ସାପ କାମୁଡିଥିଲା। ଚିକିତ୍ସା ପରେ ସେ ବର୍ତ୍ତି ଯାଇଥିଲେ। ହେଲେ ଗୋଟିଏ ଗୋଡର ଘାଆ ଶୁଖୁନାହିଁ। ଡାକ୍ତରଙ୍କ ପରାମର୍ଶ ଗୋଡକୁ କାଟିବାକୁ ପଡିବ। ଅର୍ଥାଭାବ ଯୋଗୁ ଛବି ଅକ୍ଷମ ହୋଇ ଘରେ ପଡି ରହିବା ପରେ ସ୍ତ୍ରୀ ସୁବା କଷ୍ଟ କରି ଘର ଚଳାଇ ନେଉଥିଲେ। ହେଲେ ସ୍ୱାମୀଙ୍କର ଚିକିତ୍ସା କରାଇ ପାରୁ ନ ଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅ ତୁଳସୀ ବାପାଙ୍କୁ ଭଲ କରିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଲକ୍‌ଡାଉନ ଯୋଗୁ ରୋଜଗାର ବନ୍ଦ ହେବାରୁ ଗାଁକୁ ଫେରିଥିଲେ। ଗାଁକୁ ଫେରିବା ବେଳେ ଧାରକରଜ କରି ଟଙ୍କା ଆଣିଥିଲେ। ଲକ୍‌ଡାଉନ ସମୟରେ ରୋଜଗାର ନ ଥିବାରୁ ଅର୍ଥ ଘରେ ଖର୍ଚ୍ଚ ହୋଇଗଲା। ଆଉ ଯାହା ରହିଲା ବାପାଙ୍କର ଚିକିତ୍ସା ହୋଇଥାନ୍ତା। କିନ୍ତୁ ଡିସେମ୍ବର ୨୧ରେ ମା' ସୁବାଙ୍କ ମୃତ୍ୟୁ ହୋଇଗଲା। ସରକାରଙ୍କ ପକ୍ଷରୁ ଏହି ପରିବାର କେବଳ ରାଶନ କାର୍ଡରେ ଯାହା ଖାଉଟି ସାମଗ୍ରୀ ମିଳୁଛି। ଏ ନେଇ ତୁଳସୀ କୁହନ୍ତି, ମା'ଙ୍କର ମୃତ୍ୟୁ ପରିବାରକୁ ଅସହାୟ ଓ ବେସାହାରା କରି ପକାଇଛି। ବାପା ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିବାରୁ କ'ଣ ଖାଇବୁ, କିପରି ଚଳିବୁ ଜାଣି ପାରୁନାହୁଁ। ଆମ ଘରେ କେହି ରୋଜଗାରିଆ ନାହାନ୍ତି। ବାପାଙ୍କର ରୋଗ ଭଲ କରିବାକୁ ସରକାରୀ ଓ ବେସରକାରୀ ସ୍ତରରେ ଯଦି କିଛି ସାହାଯ୍ୟ ମିଳନ୍ତା ଦେବେ ଯାହା କିଛି କରନ୍ତି ବୋଲି ସେ କହିଛନ୍ତି। ଏ ନେଇ ସରିଗଣ୍ଡା ସରପଞ୍ଚ ସତ୍ୟଭାମା ନାୟକ କୁହନ୍ତି, ଛବି ଆବାସ ଯୋଜନାରେ ଘର ପାଇଥାନ୍ତେ। ହେଲେ ଘରପୋଡି ଯୋଗୁ ସବୁ କାଗଜାତ ପୋଡିଗଲା। ଏଣୁ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇଲେ ନାହିଁ। ଛବିଙ୍କ ସ୍ତ୍ରୀ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଦିଆଯାଇଛି। ଆଉ କ'ଣ ସହାୟତା ଦିଆଯାଇ ପାରିବ ସେନେଇ ପଦକ୍ଷେପ ନିଆଯିବ। ଉପଜିଲାପାଳ ଲମ୍ବୋଦର ରାଉତଙ୍କୁ ପଚାରିବାରେ ରେଡକ୍ରସରୁ ସହାୟତା ପାଇଁ ତହସିଲଦାରଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

# ବରୀ ବିଜେଡିର ଆଇଟି କର୍ମଶାଳା




କର୍ମଶାଳାରେ ଆଇଟି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ,୩୧(ଡି.ଏନ.ଏ.)

ବରୀ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଆଇଟିକର୍ମଶାଳା ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଆଇଟି ସଂଯୋଜକ ରାମେଶ୍ୱର ସାହୁ ସଭାପତିତ୍ୱ କରିଥିବାବେଳେ ଜିଲା ଆଇଟି ସଂଯୋଜକ ଦୀପକ କୁମାର ସାହୁ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଅସୁସ୍ଥତା ଯୋଗୁ ତାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳ ସବୁବେଳେ ସାମାଜିକ ଗଣମାଧ୍ୟମରେ ସତ୍ୟ ଓ ତଥ୍ୟ ଭିତ୍ତିକ ବାର୍ତ୍ତାକୁ ପ୍ରଚାର କରେ। ତେଣୁ ଦଳର ଆଇଟି କର୍ମକର୍ତ୍ତା ମିଥ୍ୟା ଖବର ପ୍ରଚାର ପ୍ରସାର ନ କରିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସମାଜରେ ସାମାଜିକ ଗଣମାଧ୍ୟମ ଠିକ୍ ବାର୍ତ୍ତା ପହଞ୍ଚାଇବାର ଏକ ମୁଖ୍ୟ ମାଧ୍ୟମ ହୋଇଥିବାରୁ ସମସ୍ତେ ସକରାତ୍ମକ ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ୍ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାଥ ଶର୍ମା, ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ସରପଞ୍ଚ କିରଣବାଳା ଜେନା, ପ୍ରାକ୍ତନ ସମିତିସଭ୍ୟ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଆଇଟି କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଦାସ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବିଳମ୍ବରେ ଶ୍ରୀଜୀଉଙ୍କ ଦର୍ଶନ ମିଳିଲା

**ପ୍ରଶାସନର ବାରଣ**

ଖଣ୍ଡପଡା,୩୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଦୀର୍ଘ ୯ ମାସ ପରେ ରବିବାର ଶ୍ରୀନୀଳମାଧବ ଜୀଉ ମନ୍ଦିର ଖୋଲିଛି। ମନ୍ଦିର ଖୋଲାଯିବାରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ସକାଳୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପୀଠରେ ସମାଗମ ହୋଇଥିଲେ। ମାତ୍ର ଶ୍ରୀଜୀଉଙ୍କ ଦର୍ଶନ ଉପରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗା ଯାଇ ମନ୍ଦିରର ୪ ଦ୍ୱାରକୁ ବନ୍ଦ କରି ଦିଆଯାଇଥିଲା। ବହୁ ଆଶା ନେଇ ଆସିଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥସାରଥି ହାଁସଦା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଅପରାହ୍ନରେ କଣ୍ଟିଲୋରେ ପହଞ୍ଚି ନୀଳମାଧବ ପୂଜକ ସମାଜର କର୍ମକର୍ତ୍ତା, ପୋଲିସ ସହ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ



ତହସିଲଦାରଙ୍କ ଉପସ୍ଥିତିରେ ନୀଳମାଧବ ଜୀଉଙ୍କ ଦ୍ୱାର ଖୋଲାଯାଉଛି।

ସମ୍ପର୍କରେ ଆଲୋଚନା କରିଥିଲେ। ତେବେ କୋଭିଡ୍ ଗାଇଡଲାଇନ ମାନି ପର୍ଯ୍ୟଟକମାନେ ଶାରୀରିକ ଦୂରତା ସହ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ଯାତ୍ରୀଙ୍କୁ ସାନିଟାଇଜର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିରର କେବଳ ପୂର୍ବ ଓ ପଶ୍ଚିମ ଦ୍ୱାର ଦେଇ ଯାତ୍ରୀମାନେ ଭିତରକୁ ପ୍ରବେଶ ଓ ପ୍ରସ୍ଥାନ କରିବେ। ଭିତରେ ପୋଲିସ ଓ ଦେବୋତ୍ତର କର୍ମଚାରୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନ ଉପରେ ଯତ୍ନବାନ ହେବେ। ପରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଅପରାହ୍ନ ସାଢେ ୨ଟାରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ଆଲୋଚନାରେ ନୀହାର ରଞ୍ଜନ ମିଶ୍ର, ମନୋଜ କୁମାର ମିଶ୍ର, ନୀଳମାଧବ ମିଶ୍ର, ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ, ଦେବୋତ୍ତର ମ୍ୟାନେଜର ହରିହର ଦାଶ ଉପସ୍ଥିତ ରହି ଆଲୋଚନାରେ ସହଯୋଗ କରିଥିଲେ।

## ଗାଳ୍ପିକ ହରିହର ମହାପାତ୍ରଙ୍କ ପରଲୋକ

**ଧର୍ମଶାଳା,୩୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଗଡ଼ମଧୁପୁର ଗ୍ରାମର ବିଶିଷ୍ଟ ଗାଳ୍ପିକ ହରିହର ମହାପାତ୍ର(୭୫)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଶନିବାର ତାଙ୍କୁ ଧର୍ମଶାଳା ଓ ପରେ ବଡ଼ଚଣା ଡାକ୍ତରଖାନାକୁ ନିଆଯାଇଥିଲା। ସେ ସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଘରକୁ ଅଣାଯାଇଥିଲା। ତେବେ ଭୋର ସମୟରେ ପୁନର୍ବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ମେଡିକାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଗାଳ୍ପିକ, କବି, ପ୍ରାବନ୍ଧିକ ଭାବେ ପରିଚିତ ଥିଲେ। କେନ୍ଦ୍ରାପଡ଼ା ଓ ଚଣ୍ଡିଖୋଲ କଲେଜରେ ପ୍ରାଧ୍ୟାପକଭାବେ କାର୍ଯ୍ୟ ସମ୍ପାଦନା କରିଥିବାବେଳେ କଲଣ କଲେଜ ପ୍ରତିଷ୍ଠାରେ ତାଙ୍କର ଅବଦାନ ଥିଲା। ସତ୍ୟବାଦୀ, ଝଙ୍କାର, ଗୋକର୍ଣ୍ଣିକା, ଗଙ୍ଗଶିଉଳୀ, ଚାହାଣୀ, ସମ୍ଭବ, ସାହିତ୍ୟ ଦର୍ପଣ ଆଦି ପତ୍ରିକାରେ ତାଙ୍କର ଲେଖା ପ୍ରକାଶ ପାଉଥିଲା। ସେ ନୀଳକଣ୍ଠେଶ୍ୱର ସାହିତ୍ୟ ସଂସଦ ଗଠନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ବିଦ୍ୟାଧର ସାହୁ, ରାଜକିଶୋର ପାଢୀ, ବଟକୃଷ୍ଣ ଓଝା, ନୃସିଂହ ଚରଣ ସାହୁ, ମନୋରଞ୍ଜନ ମହାନ୍ତି, ରମାକାନ୍ତ ଜେନା, ଗୌତମ ଜେନା, ରାଧାଶ୍ୟାମ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ବଡ଼ପୁଅ ହିରଣ୍ମୟ ମୁଖାଗ୍ନି ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ୨ ମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥି।

ନାଉଗାଁ,୩୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଗୋପାଳପୁରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବୀନ୍ଦ୍ରନାଥ ରାୟଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚନ ହୋଇଛି। ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ତାଙ୍କ ଗସ୍ତକୁ ବିରୋଧ କରିବା ପାଇଁ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଯୋଜନା ହୋଇଥିବା ସୂଚନା ପାଇ କର୍ମୀ ଜ୍ଞାନସ୍ୱରୁପ କାନୁନଗୋ, ଅନନ୍ତ ବାସୁଦେବ ମିଶ୍ର, ଦୀପକ ସାହୁ ଓ ଅମୁଲ୍ୟ ଦାସଙ୍କୁ ପୋଲିସ ଅଟକ ରଖିଥିଲା। ଦେବୀନଦୀ ବନ୍ଧ ଉପରେ ଫାଟ ସୃଷ୍ଟି ହୋଇଥିବା ବେଳେ ଜଳସମ୍ପଦ ମନ୍ତ୍ରୀ ପରିଦର୍ଶନରେ ନ ଆସିବା ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ବିରୋଧ କରାଯିବା ପାଇଁ ଯୋଜନା କରାଯାଇଥିଲା। ରବୀନ୍ଦ୍ରନାଥ ସ୍ମୃତି କମିଟି ପକ୍ଷରୁ ଆୟୋଜିତ

**କଂଗ୍ରେସ କର୍ମୀ ଅଟକ**

କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଆଶୋକ କୁମାର ପଣ୍ଡା ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଖବରଦାତା ଗୁରୁକଲ୍ୟାଣ ମହାପାତ୍ର, ପ୍ରମୋଦ ମଲିକ, ଦେବୀପ୍ରସାଦ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସ୍ୱର୍ଗତ ରାୟ ଦେଶ ପାଇଁ ବହୁବାର କାରାଦଣ୍ଡ ଭୋଗିଛନ୍ତି। ଆଜିର ଯୁବପିଢ଼ି ତାଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍। ସ୍ୱର୍ଗତ ରାୟ ୫ ଏପ୍ରିଲ ୧୯୨୧ ଜନ୍ମଗ୍ରହଣ କରିଥିଲେ। ସକ୍ରିୟ ରାଜନୀତିରେ ଭାଗ ନେଇ ତତ୍କାଳୀନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ।

# ୮ରୁ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଓଷ୍ଟାର ସ୍ୱାଗତ

**ଯାଜପୁର ଅଫିସ,୩୧:** ଆସନ୍ତା ୮ରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଓଷ୍ଟା ପକ୍ଷରୁ ସ୍ୱାଗତ କରାଯାଇଛି। ପୂର୍ବରୁ ଟିକା ବାହାରିଲେ ସ୍କୁଲ ଖୋଲାଯିବା ସହିତ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସର୍ବନିମ୍ନ ୧୦୦ଦିନ ବିଦ୍ୟାଳୟରେ ପାଠପଢ଼ା ପାଇଁ ଓଷ୍ଟା ଦାବି କରିଆସୁଥିଲା। ତାହାକୁ ସରକାର ମାନି ନେଇଥିବାରୁ ଯାଜପୁର ଜିଲା ଓଷ୍ଟା ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ କୃତଜ୍ଞତା ଜ୍ଞାପନ କରିଛନ୍ତି। ୧୦୦ ଦିନ ମଧ୍ୟରେ କେବଳ ପରୀକ୍ଷା ପାଇଁ ସମ୍ଭାବ୍ୟ ପ୍ରଶ୍ନ ସହିତ ପିଲାଙ୍କୁ ପରିଚିତ କରାଇବା ଓ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ର କିପରି ପ୍ରସ୍ତୁତ କରିପାରିବେ ସେହି ବିଷୟରେ ଧ୍ୟାନଦେଇ ଶିକ୍ଷାଦାନ କରାଯିବ ବୋଲି ଶିକ୍ଷକ ସୁନନ୍ଦ ରାଉତ ଓ ରମେଶ ବେହେରା ମତ ପ୍ରଦାନ କରିଥିଲେ। ଯେହେତୁ ପିଲା ୯ମ ଶ୍ରେଣୀ ଓଏମ୍‌ଆର ଓ ୩ଟି ଦୀର୍ଘ ମୂଳକ ପ୍ରଶ୍ନ ସହିତ ଅଭ୍ୟସ୍ତ ନୁହନ୍ତି ତେଣୁ ସ୍କୁଲ ଖୋଲିବାର ୩୦ଦିନ ମଧ୍ୟରେ ପ୍ରିବୋର୍ଡ ୧ ଓ ୮୦ ଦିନ ମଧ୍ୟରେ ପ୍ରିବୋର୍ଡ ୨ ପରୀକ୍ଷା ବ୍ୟବସ୍ଥା କରାଯିବା ଦରକାର ବୋଲି ସଭାପତି ସନ୍ତୋଷ ବିଶ୍ୱାଳ ଓ ରାଜ୍ୟ ସମ୍ପାଦକ ନିର୍ମଳ ଜେନା ମତ ଦେଇଛନ୍ତି।

# ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

**ଯାଜପୁର ଅଫିସ,୩୧:** ବଡ଼ଚଣା ବ୍ଲକ୍ ସିହା ପଞ୍ଚାୟତ ଗୋଡ଼ିମାଗୁରା ଗ୍ରାମର ଚାରିଛକଠାରେ ରବିବାର ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଯୁବ ସାମାଜିକ କର୍ମୀ ପୀତାମ୍ବର ବଳଙ୍କ ସଭାପତିତ୍ୱରେ ବିଧାୟକ ଅମରପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ଦ୍ୱାରା ୪୩ଟି ପଞ୍ଚାୟତର ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି, ଗଣେଶ୍ୱର ବରାଳ, ଦିଲ୍ଲୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ସାବିତ୍ରୀଙ୍କୁ ମିଳିଲା ନୂଆ ଜୀବନ

କଳିଙ୍ଗନଗର,୩୧(ଡି.ଏନ.ଏ.)

ଟ୍ରେନ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିବା ଯାଜପୁର ରୋଡ୍ ୨୬ନଂ ୱାର୍ଡ ମୁଣ୍ଡମାଳ ଗ୍ରାମର ସାବିତ୍ରୀ ଦାସ(୪୦)ଙ୍କୁ ମିଳିଛି ନୂଆଜୀବନ। ଭୁବନେଶ୍ୱରର ସାମାଜିକ ସଙ୍ଗଠନ ବ୍ରଦର ହୁଡ ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ସତ୍ୟଜିତ ସେନାପତିଙ୍କ ସହଯୋଗରେ ରୋବଟିକ୍ସ ଟେକ୍ନୋଲୋଜିରେ ତାଙ୍କର ଏକ କୃତ୍ରିମ ଗୋଡ଼ ଲଗାଯାଇଛି। ସଙ୍ଗଠନର ଟିମ୍ ସାବିତ୍ରୀଙ୍କୁ ଭୁବନେଶ୍ୱର ନେଇ ଡା. ଦିବାକର ପାତ୍ରଙ୍କ ସହଯୋଗରେ କୃତ୍ରିମ ଗୋଡ଼ ଲଗାଇଛନ୍ତି। ଏହାଦ୍ୱାରା ସାବିତ୍ରୀ ଚଲାବୁଲା କରିପାରିବା ସହିତ କାମଧନ୍ଦା କରିପାରିବେ ବୋଲି ଡା. ପାତ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମ ଏବଂ ସାମାଜିକ ସଙ୍ଗଠନର ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଲା ବୋଲି ସାବିତ୍ରୀ କହିଛନ୍ତି। ୫ ବର୍ଷ ହେବ ସାବିତ୍ରୀଙ୍କୁ ତାଙ୍କ ସ୍ୱାମୀ ଛାଡି ଚାଲିଯିବାରୁ ସେ ତାଙ୍କ ଭାଇଙ୍କ ପାଖରେ ରହୁଥିଲେ। ପେଟକୁ



ସାବିତ୍ରୀଙ୍କର କୃତ୍ରିମ ଗୋଡ଼ ଲଗାଯାଇଛି।

ଦାନା ସଂଗ୍ରହ କରିବା ପାଇଁ ଲେବର କାମ କରୁଥିଲେ। ମାତ୍ର କାମ କରିବାକୁ ଯାଇ ଟ୍ରେନ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇ ସମ୍ପୂର୍ଣ୍ଣ ଅକ୍ଷମ ହୋଇ ଯାଇଥିଲେ। ଏକ ଛୋଟ ପ୍ଲାଷ୍ଟିକ ଷ୍ଟୁଲ ଧରି ସାବିତ୍ରୀ ଯିବାଆସିବା କରୁଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

# ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ

**ଜନବସତିରେ ବେଆଇନ ଗୁଣ୍ଡି କାରଖାନା ମାମଲା**

- ବେନାମୀ କାରଖାନାର ନାଁ ଲେଖାହେଲା
- ଅନ୍ୟ ତଥ୍ୟ ମିଳିଲାନି

ରସୁଲପୁର,୩୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଅର୍ଥଗାଁ ପଞ୍ଚାୟତର କ୍ରିପାଳପୁର ଓ କୋଠାସାହି ମଝିରେ ବେନାମୀ ଗୁଣ୍ଡି କାରଖାନା ଚାଲିଥିବାନେଇ ଡିସେମ୍ବର ୮ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ପଣ୍ଡା ଏହାର ତଦନ୍ତ କରିଛନ୍ତି। ମାତ୍ର ଏହି ତଦନ୍ତ ସନ୍ତୋଷ ଜନକ ନୁହେଁ ବୋଲି ଅଭିଯୋଗ ହେବା ସହ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କାରଖାନା ମାଲିକ ଗୁଣ୍ଡି ଫାକ୍ଟ୍ରି ନାଁ କାନ୍ଥରେ ଉଲ୍ଲେଖ କରିଛନ୍ତି। ହେଲେ କାରଖାନା ସମ୍ପର୍କରେ ସୂଚନା ଦେବା ପାଇଁ ନୋଟିସ ବୋର୍ଡ ନାହିଁ। କାରଖାନା ସ୍ଥାପନ ଓ ତା'ର ବୈଧତାକୁ ନେଇ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଛି।

ଏ ସମ୍ପର୍କରେ ଥାନା ଅଧିକାରୀ ବେହେରା କହିଛନ୍ତି, ସେ ତଦନ୍ତ କରିବାକୁ ଯାଇଥିଲେ। ମାତ୍ର କାରଖାନାରୁ ବାହାରୁଥିବା ଦୁର୍ଗନ୍ଧ ତଦନ୍ତରେ ବାଧା ସୃଷ୍ଟି କରିଥିଲା। ଫଳରେ ସେ ଫେରିଆସି କାରଖାନା ମାଲିକଙ୍କୁ ଡକାଇ କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଯାଞ୍ଚବେଳେ କମ୍ପାନୀର ଦୋଷତ୍ରୁଟି ଖୋଜିବା ବଦଳରେ କମ୍ପାନୀ ମାଲିକ ନିଜପକ୍ଷକୁ ନେଇ ରଖିଥିବା ତଥ୍ୟରେ ଥାନାଧିକାରୀ ସନ୍ତୁଷ୍ଟ ହୋଇଯାଇଥିଲେ। ଯାହାକି ପୋଲିସ ପ୍ରଶାସନର ଖାମଖିଆଲ ତଦନ୍ତ ସମ୍ପୃକ୍ତ



କାରଖାନା ମୁଖ୍ୟ ଫାଟକ।

ବ୍ୟବସାୟୀଙ୍କୁ ବେଆଇନ କାର୍ଯ୍ୟ କରିବା ସହାୟକ ହେବ ବୋଲି କୁହାଯାଉଛି। କାରଖାନା ସ୍ଥାପନ ପାଇଁ ମାଲିକଙ୍କ ନିକଟରେ ଅନୁମତି ଅଛି କି ନାହିଁ । ଯଦି ଅଛି, ତେବେ ସେ ଦୈନିକ କେତେ ପରିମାଣର ଗୁଣ୍ଡି ପ୍ରସ୍ତୁତ କରିବେ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳି ନ ଥିଲା। ସେ ଯେତେ ଚାହିଁବେ ଗୁଣ୍ଡି ପ୍ରସ୍ତୁତ କରିବାପାରିବେ ବୋଲି ପୋଲିସକୁ କହିଥିଲେ। ଦୋକ୍ତା ଏକ ନିଶାଦ୍ରବ୍ୟ ପ୍ରସ୍ତୁତକାରୀ ଦ୍ରବ୍ୟ ହୋଇଥିଲେ ବି ତାକୁ ଆମଦାନୀ ନେଇ ଅନୁମତି ଅଛି କି ନାହିଁ ସେ ସବୁ ଦିଗକୁ ଯାଞ୍ଚ କରିବାକୁ ପୋଲିସ ଗୁରୁତ୍ୱ ଦେଇନି। ଏହି କାରବାର ବେଆଇନ ହେଉଥିବା ନେଇ ଧରାପଡିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋଟୋପା ଆଇନ ଅନୁଯାଇ ଦଣ୍ଡିତ ହେବାର ନିୟମ ରହିଛି। ପୂର୍ବରୁ କୁଆଖିଆ ଥାନା ପୋଲିସ ହରିପୁର ଅଞ୍ଚଳରେ ଚଢ଼ାଉ କରି ୨ଟି ବେଆଇନ ଗୁଣ୍ଡି ଗୋଦାମ ସିଲ୍ କରିଛି। ହେଲେ ଏଠି ତଦନ୍ତ ବେଳେ ପୋଲିସ ସେ ସବୁ ଦିଗକୁ ଗୁରୁତ୍ୱ ଦିଆଯାଇ ନ ଥିବା ଜଣାପଡ଼ିଛି।

ଥାନା ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ମାଲିକ ଟିକସ ଦେଇ କାରଖାନା ଚଳାଉଛନ୍ତି ବୋଲି କାଗଜପତ୍ର ଦେଖାଇଥିଲେ। ହେଲେ କେତେ ପରିମାଣର ଗୁଣ୍ଡି ପ୍ରସ୍ତୁତ କରିବେ, ଜନବସତିରେ କାରଖାନା ସ୍ଥାପନ ନେଇ କ'ଣ ନିୟମ ରହିଛି, କାରଖାନା ଚାଲିବା ନେଇ ପରିବେଶ ମଞ୍ଜୁରୀ ଅଛି କି ନାହିଁ ସେ ସମ୍ପର୍କରେ ସେ ଅବଗତ ନାହାନ୍ତି। ଏ ଦିଗରେ ସ୍ୱଚ୍ଛତା ଆଣିବା ପାଇଁ ଭୁବନେଶ୍ୱରରେ ଏକ ୱିଙ୍ଗ କାମ କରୁଛି। ଫ୍ୟାକ୍ଟ୍ରି ଚାଲିବା ପାଇଁ ଅନୁମତି ପ୍ରଦାନ ଦିଗରେ ଜିଲାରେ କେଉଁ ଅଧିକାରୀ କାମ କରୁଛନ୍ତି ସେ ନେଇ ବୁଝିବେ। କାରଖାନା ମାଲିକ କେଉଁ ଆଇନକୁ ଖିଲାପ କରୁଛନ୍ତି ତାହା ଦେଖିବା ପୋଲିସର କାମ ହୋଇଥିବା ବେଳେ ଏଠାରେ ତାହା ହୋଇ ନ ଥିବା ଥାନା ଅଧିକାରୀଙ୍କ ମତରୁ ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ, ଏହି କାରଖାନାରୁ ନିର୍ଗତ ଧୂଳିଧୂଆଁ ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ଏହାଛଡା କାରଖାନା ଚଳାଇବାକୁ ହେଲେ ମାଲିକଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରୁ ପ୍ରମାଣପତ୍ର ହାସଲ କରିବା ଅନିର୍ବାର୍ଯ୍ୟ। ହେଲେ ତାହା ହାସଲ ହୋଇ ନ ଥିବା ମାଲିକ ଦେବରାଜ ମହାନ୍ତିଙ୍କ ପ୍ରତିକ୍ରିୟାରୁ ଜଣାପଡ଼ିଛି। ସେ କହିଛନ୍ତି, ବାଉଣ୍ଡରୀ ଭିତରେ ଗୁଣ୍ଡ ପ୍ରସ୍ତୁତ କରୁଛନ୍ତି। ସେଥିପାଇଁ ଏସବୁ ହାସଲ କରିବା ଦରକାର ନାହିଁ। ଦୋକ୍ତାପତ୍ରରୁ କାଠି ଓ ଅଳିଆ ଅବର୍ଜନା ବାଛିବା ପାଇଁ ନିୟୋଜିତ ଶ୍ରମିକମାନେ ଅସୁରକ୍ଷିତ ଭାବରେ କାମ କରୁଛନ୍ତି। ସ୍ଥାନୀୟ ଚାରଣଭୂଇଁ ଉପରେ ଦୋକ୍ତାଗୁଣ୍ଡର ଆସ୍ତରଣ ବସିଯାଇଛି। ଫଳରେ ଗୋଚାରଣରେ ବାଧା ଉପୁଜୁଛି। ଚାଷୀ ଓ କୃଷିକ୍ଷେତରେ ବି ଅନୁରୂପ ଅବସ୍ଥା ସୃଷ୍ଟି ହେଉଛି। ତଦନ୍ତ ବେଳେ ପୋଲିସ ଏ ସବୁ ଦିଗକୁ ଅଣଦେଖା କରିଛି।

